ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest, Env. & CC (OD)/ 198/19-03-2025**

# ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର : ୧୯/୦୩/୨୦୨୫

ଆଗାମୀ ଗ୍ରୀଷ୍ମ ପ୍ରବାହ ସମୟରେ ରାଜ୍ୟରେ ଜଙ୍ଗଲଗୁଡ଼ିକୁ ଅଗ୍ନି ଦାଉରୁ ରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ବହୁବିଧ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରିଛନ୍ତି ।

ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ଜିଲ୍ଲାରେ ଜିଲ୍ଲା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି । ସମସ୍ତ ବନଖଣ୍ଡରେ ଜଙ୍ଗଲ ଅଗ୍ନି ପ୍ରତିରୋଧକ ବାହିନୀ ପାଇଁ ଅଗ୍ନି ସଚେତନତା ସଭା ଏବଂ ପ୍ରଶିକ୍ଷଣ ସହିତ ମକ୍ ଡ୍ରିଲ୍ ସମ୍ପନ୍ନ ହୋଇସାରିଛି । ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ନୂତନ ଅଗ୍ନି ରେଖା ସୃଷ୍ଟି କରାଯାଇଛି ଏବଂ ପୁରାତନ ଅଗ୍ନି ରେଖାର ରକ୍ଷଣାବେକ୍ଷଣ କରାଯାଇଛି । ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ସମସ୍ତ ବନଖଣ୍ଡରେ ଅଗ୍ନି ପ୍ରତିରୋଧକ ବାହିନୀ ସହିତ ଯାନବାହନ ନିୟୋଜିତ ହୋଇଛନ୍ତି । ଅଗ୍ନି ପ୍ରତିରୋଧକ ବାହିନୀର ସଦସ୍ୟମାନଙ୍କୁ ଅଗ୍ନି ସୁରକ୍ଷା ଉପକରଣ ଏବଂ କିଟ୍ ପ୍ରଦାନ କରାଯାଇଛି । ଜଙ୍ଗଲ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଭାଗୀୟ କର୍ମଚାରୀଙ୍କୁ ଏଫଏସଆଇ ପୋର୍ଟାଲରେ ଜଙ୍ଗଲ ଅଗ୍ନି ସତର୍କତା ପାଇଁ ପଞ୍ଜିକୃତ କରାଯାଇଛି । ଜଙ୍ଗଲ ଅଧିକାରୀମାନେ ଓଏଫଏସ୍ଏମ ମୋବାଇଲ ଆପ୍ ବ୍ୟବହାର କରି ଜଙ୍ଗଲ ଅଗ୍ନି ସତର୍କତା ଗ୍ରହଣ ଏବଂ ପ୍ରତିକ୍ରିୟା କରନ୍ତି ।

ଜଙ୍ଗଲ ଅଗ୍ନି ପ୍ରତିରୋଧକ ଏବଂ ନିୟନ୍ତ୍ରଣ ପାଇଁ ରାଜ୍ୟ ବନ ବିଭାଗ ମୁଖ୍ୟାଳୟ ଏବଂ ବନଖଣ୍ଡ ମୁଖ୍ୟାଳୟ ସ୍ତରରେ ଏକ ୨୪x ୭ ନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ ରହିଛି । ଜଙ୍ଗଲ ଅଗ୍ନିର ପ୍ରଭାବଶାଳୀ ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଗ୍ରାମଗୁଡ଼ିକୁ ପୁରସ୍କାର ରାଶି ପ୍ରଦାନ କରାଯାଇଛି । ସିମିଳିପାଳରେ ଜଙ୍ଗଲ ଅଗ୍ନିର ପ୍ରଭାବଶାଳୀ ମନିଟରିଂ ପାଇଁ କୃତ୍ରିମ ବୁଦ୍ଧିମତ୍ତା (AI) କ୍ୟାମେରା ସ୍ଥାପନ କରାଯାଇଛି ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ବିଧାନସଭାରେ ବନାଗ୍ନି ନିରାକରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ